ଭି. ଏମ୍. ସୟଦ୍ ମହମ୍ମଦ ଏବଂ କମ୍ପାନୀ

*ବନାମ.*

ଆନ୍ଧ୍ର ରାଜ୍ୟ ।

(ସଂଯୁକ୍ତ ଆବେଦନ ସହିତ)

[ମେହେର୍ ଚାନ୍ଦ୍ ମହାଜନ ସି. ଜେ., ମୁଖାର୍ଜୀଆ,
ଏସ୍. ଆର୍. ଦାସ, ଭିଭିଆନ୍ ବୋଷ ଏବଂ
ଗୁଲାମ୍ ହସନ୍, ନ୍ୟାୟାଧୀଶବୃନ୍ଦ ]

1954

ମାର୍ଚ୍ଚ 11

*ଭାରତର ସମ୍ବିଧାନ ଅନୁଚ୍ଛେଦ 14 - ଭାରତ ସରକାର ଅଧିନିୟମ, 1935, ସପ୍ତମ ଅନୁସୂଚୀର ତାଲିକା II ରେ ପ୍ରବେଶ 48 - ମାଡ୍ରାସ ସାଧାରଣ ବିକ୍ରୟ କର ଅଧିନିୟମ (1939 ର IX) - ସମ୍ବିଧାନ କିମ୍ବା ଭାରତ ସରକାର ଅଧିନିୟମ, 1935କୁ କ୍ଷମତାତୀତ କରେ କି- ଅଧିନିୟମ ଅଧୀନରେ ଗଠିତ ନିୟମ 16(5) ଅଧିନିୟମର ଧାରା 5(vi)କୁ କ୍ଷମତାତୀତ କରେ କି* ।

*ନିର୍ଣ୍ଣୟ ନିଆଗଲା ଯେ* ଯେ ମାଡ୍ରାସ ସାଧାରଣ ବିକ୍ରୟ ଟିକସ ଅଧିନିୟମ (1939ର IX) ଭାରତ ସରକାର ଅଧିନିୟମ, 1935ର *କ୍ଷମତାତୀତ* କରେନାହିଁ, କାରଣ ଭାରତ ସରକାର ଅଧିନିୟମ, 1935ର ସପ୍ତମ ଅନୁସୂଚୀର ଦ୍ୱିତୀୟ ତାଲିକାରେ ଥିବା 48ତମ ପ୍ରବେଶ, ସାମଗ୍ରୀର କ୍ରେତା ତଥା ବିକ୍ରେତାଙ୍କ ଉପରେ ଟିକସ ଲାଗୁ କରୁଥିବା ଏକ ଆଇନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯଥେଷ୍ଟ ବ୍ୟାପକ ଥିଲା ।

*ଏହା ମଧ୍ୟ ନିର୍ଣ୍ଣୟ ନିଆଗଲା ଯେ,* ଯେହେତୁ ଏହି ମାମଲାରେ ଅନ୍ୟ ସାମଗ୍ରୀର କ୍ରେତାମାନେ ଚମଡ଼ା ଏବଂ ଛାଲର କ୍ରେତାମାନଙ୍କ ପରି ସମାନ ଭାବରେ ଅବସ୍ଥାପିତ, ସମ୍ବିଧାନର ଅନୁଚ୍ଛେଦ 14 ଅନୁଯାୟୀ ଅଧିନିୟମଟି ଅବୈଧ ନଥିଲା ଯେହେତୁ ଏହି ଆକ୍ଷେପିତ ଅଧିନିୟମ କେବଳ କେତେକ ନିର୍ଦ୍ଦିଷ୍ଟ ପଣ୍ୟଦ୍ରବ୍ୟର କ୍ରେତାଙ୍କ ଉପରେ ଟିକସ ଲାଗୁ କରିବା ପାଇଁ ସ୍ୱତନ୍ତ୍ର ଭାବେ ସୂଚିତ କରେ, କିନ୍ତୁ ଅନ୍ୟ ପଣ୍ୟଦ୍ରବ୍ୟର କ୍ରେତାଙ୍କୁ ବାଦ୍ ଦେଇଛି ।

ଅନୁଚ୍ଛେଦ 14 ଆଇନ ପ୍ରଣୟନ ଉଦ୍ଦେଶ୍ୟ ପାଇଁ ବର୍ଗୀକରଣକୁ ନିଷେଧ କରେ ନାହିଁ, ଏପରି ପ୍ରଦାନ କରାଯାଇଛି ଏହି ବର୍ଗୀକରଣ ଆଇନର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ସହିତ ଏକ ଯଥାର୍ଥ ସମ୍ପର୍କ ଥିବା କିଛି ପାର୍ଥକ୍ୟ ଉପରେ ଏହା ଆଧାରିତ ହୋଇଥାଏ ।

ଏହି ଅଧିନିୟମ ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମ 16(5), ଧାରା 5(vi) ର ପ୍ରାବଧାନଗୁଡ଼ିକୁ ଉଲ୍ଲଙ୍ଘନ କରେ କିନ୍ତୁ ଏହି ଉପନିୟମ ପୃଥକଯୋଗ୍ୟ ଏବଂ ନିୟମର ବୈଧତାକୁ ପ୍ରଭାବିତ କରେ ନାହିଁ ଯାହା ଯେକୌଣସି ଆଇନର ପରିସର ମଧ୍ୟରେ ରହିପାରେ ।

*1954*
*ଭି. ଏମ୍. ସୟଦ୍ ମହମ୍ମଦ ଏବଂ କମ୍ପାନୀ ବନାମ. ଆନ୍ଧ୍ର ରାଜ୍ୟ*

*ଚିରଞ୍ଜିତ୍ ଲାଲ୍ ଚୌଧୁରୀ ବନାମ ଭାରତ ସଂଘ* ([1950] ଏସ୍. ସି. ଆର୍. 869) ଉପରେ ନିର୍ଭର କରିଥିଲା ।

ଦେୱାନୀ ନ୍ୟାୟାଳୟ ଅଧିକାରିତା : 1953 ର ଦେୱାନୀ ଆବେଦନ ସଂଖ୍ୟା 187 ଏବଂ 188 ।

1952 ମସିହାର ଆଜ୍ଞାଦେଶ ଆବେଦନ ସଂଖ୍ୟା 21 ଏବଂ 41ରେ ମାଡ୍ରାସସ୍ଥିତ ନ୍ୟାୟାଳୟଙ୍କର 1952 ମସିହା ଅଗଷ୍ଟ 29ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 132 ଅନୁଯାୟୀ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *କେ. ଭି. ଭେଙ୍କଟସୁବ୍ରମଣିଆ ଆୟାର* (*ଏ. ଏନ୍. ରଙ୍ଗସ୍ୱାମୀ* ଏବଂ *ଏମ୍. ଏସ୍. କେ. ଆୟାଙ୍ଗର୍*, ତାଙ୍କ ସହିତ) ।

ଉତ୍ତରଦାତାଙ୍କ ପାଇଁ *ଏମ୍. ଶେଷାଚଳପତି* ।

(ମାଡ୍ରାସ୍ ରାଜ୍ୟ)ଙ୍କ ମଧ୍ୟକ୍ଷେପଙ୍କ ପାଇଁ *ମାଡ୍ରାସର ମହାଧିବକ୍ତା ଭି. କେ. ଟି. ଚାରି*, (ତାଙ୍କ ସହିତ *ଭି. ଭି. ରାଘବନ୍*) ।

(ତ୍ରାଭାଙ୍କୋର-କୋଚିନ ରାଜ୍ୟ)ଙ୍କ ମଧ୍ୟକ୍ଷେପଙ୍କ ପାଇଁ *ଟି. ଆର. ବାଲକ୍ରିଷ୍ଣ ଆୟାର* ଏବଂ *ସର୍ଦ୍ଦାର ବାହାଦୁର* ।

(ମହୀଶୂର ରାଜ୍ୟ)ଙ୍କ ମଧ୍ୟକ୍ଷେପଙ୍କ ପାଇଁ *ମହୀଶୂରର ମହାଧିବକ୍ତା ନିଟୁର ଶ୍ରୀନିବାସ ରାଓ*, (ତାଙ୍କ ସହିତ *ପୋରସ୍ ଏ. ମେହେଟ୍ଟା*) ।

(ବିହାର ରାଜ୍ୟ)ଙ୍କ ମଧ୍ୟକ୍ଷେପଙ୍କ ପାଇଁ *ଲାଲ ନାରାୟଣ ସିହ୍ନା* (ତାଙ୍କ ସହିତ ବି*. କେ. ପି. ସିହ୍ନା*) ।

1954 ମସିହା ମାର୍ଚ୍ଚ 11ରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟମୂର୍ତ୍ତି ଦାସଙ୍କ ଦ୍ୱାରା - ଏହି ଦୁଇଟି ଆବେଦନ 1952 ମସିହାର ଆଜ୍ଞାଦେଶ ଆବେଦନ ସଂଖ୍ୟା 21 ଏବଂ 41 ରୁ ଉତ୍ପନ୍ନ ହୋଇଛି, ଯାହା ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଅନୁଚ୍ଛେଦ 226 ଅନୁଯାୟୀ ଦାୟର କରାଯାଇଥିଲା ଏବଂ ମାଡ୍ରାସସାଧାରଣ ବିକ୍ରୟ କର ଅଧିନିୟମ (1939 ର IX) ଏବଂ ସେହି ଅଧିନିୟମ ଅନୁଯାୟୀ କାରବାର ଏବଂ ଆକଳନ ନିୟମର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲା ।

ଆବେଦନକାରୀମାନେ ପଶ୍ଚିମ ଗୋଦାବରୀ ଜିଲ୍ଲାର ଏଲୁରୁରେ ବ୍ୟବସାୟ କରୁଥିବା ଚମଡ଼ା ବ୍ୟବସାୟୀ, ଯାହା ବର୍ତ୍ତମାନ ନବଗଠିତ ଆନ୍ଧ୍ର ରାଜ୍ୟର ଅଂଶ । ସେମାନେ ବହୁ

ପରିମାଣରେ ଅଶୋଧିତ ଚମଡ଼ା ଏବଂ ଛାଲ କ୍ରୟ କରନ୍ତି ଏବଂ ସେମାନଙ୍କର ଚମଡ଼ା କାରଖାନାରେ ଚମଡ଼ା ଏବଂ ଛାଲ ତିଆରି କରିବା ପରେ ସେମାନେ ଚମଡ଼ା ଏବଂ ଛାଲ ରପ୍ତାନି କରନ୍ତି କିମ୍ବା ସ୍ଥାନୀୟ କ୍ରେତାଙ୍କୁ ବିକ୍ରି କରନ୍ତି । ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀମାନେ ନିମ୍ନଲିଖିତ ଆଧାରରେ ଅଧିନିୟମ ଏବଂ ନିୟମକୁ ଆକ୍ଷେପିତ କରିଥିଲେ : -

(କ)ଭାରତ ସରକାର ଅଧିନିୟମ 1935 ଅନୁଯାୟୀ, କ୍ରେତାଙ୍କ ଉପରେ ଟିକସ ଲାଗୁ କରିବା ଲାଗି କୌଣସି ଆଇନ ପ୍ରଣୟନ କରିବା ଲାଗି ପ୍ରାଦେଶିକ ବ୍ୟବସ୍ଥାପିକାର କୌଣସି କ୍ଷମତା ନଥିଲା ।

(ଖ) ବିକ୍ରୟ ଉପରେ ଟିକସ ପଇଠ କରିବାର ଦାୟିତ୍ୱ କ୍ରେତାଙ୍କ ଉପରେ ବିଧାନ ଦ୍ୱାରା ନୁହେଁ ବରଂ ନିୟମାବଳୀ ଦ୍ୱାରା ନ୍ୟସ୍ତ ହୋଇଥାଏ । ଏହା ବିଧାନମଣ୍ଡଳ ଦ୍ୱାରା କାର୍ଯ୍ୟନିର୍ବାହୀକୁ ଏହାର କାର୍ଯ୍ୟର ଅର୍ପଣ ଏକ ଅସାମ୍ବିଧାନିକ ତେଣୁ ଟିକସ ଲାଗୁ କରିବା ବେଆଇନ ;

(ଗ) ସମ୍ବିଧାନ ଅନୁଚ୍ଛେଦ 14 ଅନୁଯାୟୀ ଏହି ଆଇନ ଅସିଦ୍ଧ ହୋଇଛି, କାରଣ ଏହା କେତେକ କାରବାରରେ ଟିକସ କ୍ରେତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସୂଚିତ କରେ ଏବଂ ତେଣୁ ଏହା ଭେଦଭାବପୂର୍ଣ୍ଣ ; ଏବଂ

(ଘ) ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଅଧିନିୟମର କଳେବରରେ ପ୍ରଣୀତ ପ୍ରାବଧାନଗୁଡିକ ସହିତ ଅସଙ୍ଗତ ଏବଂ ଅସିଦ୍ଧ ଅଟେ ।

ଉଚ୍ଚ ନ୍ୟାୟାଳୟ କେବଳ ନିମ୍ନ ପ୍ରସଙ୍ଗ(ଘ)କୁ ଛାଡି ଉପରୋକ୍ତ ପ୍ରତ୍ୟେକ ଆଧାରକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହା ନିୟମ ୧୬(୫) କୁ *କ୍ଷମତାତୀତ* କରିଥିଲା ବୋଲି ଦର୍ଶାଇଥିଲା ଯେଉଥିରେ ଏହା ଅଧିନିୟମର ଧାରା ୫(vi) ବିରୁଦ୍ଧରେ ଆପତ୍ତି କରିଥିଲା ଏବଂ ସେମାନଙ୍କର ଆବେଦନଗୁଡ଼ିକୁ ଖାରଜ କରିଥିଲା । ତେଣୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରମାଣପତ୍ର ଅନୁଯାୟୀ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ବର୍ତ୍ତମାନର ଆବେଦନ ଏହିକି ଯେ ଏହି କୋର୍ଟରେ ଆବେଦନ ପାଇଁ ଏହା ଏକ ଉପଯୁକ୍ତ ଆବେଦନ ।

ଏହି ଆବେଦନଗୁଡ଼ିକର ସମର୍ଥନରେ ହାଜର ହୋଇଥିବା ବିଜ୍ଞ ଓକିଲ ପ୍ରସଙ୍ଗ(B) ଅନୁଯାୟୀ ଆପତ୍ତି ଦାବି କରିନାହାଁନ୍ତି କିନ୍ତୁ ଆପତ୍ତି କରିବାର ଅବଶିଷ୍ଟ କାରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆମ ମତରେ ସେହି ଆଧାରରେ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ସାରତଃ ସୁଦୃଢ ଏବଂ ସଠିକ୍ । ଆଇନଗତ ଦକ୍ଷତାର ପ୍ରଶ୍ନ ଉପରେ ବିଜ୍ଞ ଓକିଲ ଭାରତୀୟ ସମ୍ବିଧାନର ସପ୍ତମ ଅନୁସୂଚୀର ତାଲିକା II ରେ ପ୍ରବେଶ 54 ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଯୁକ୍ତି କରିଥିଲେ ଯେ ଏହି ପ୍ରବେଶ ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ଭାରତ ସରକାର ଅଧିନିୟମ,

*1954*

*ଭି. ଏମ୍. ସୟଦ୍ ମହମ୍ମଦ ଏବଂ କମ୍ପାନୀ ବନାମ. ଆନ୍ଧ୍ର ରାଜ୍ୟ*

ନ୍ୟାୟମୂର୍ତ୍ତି ଦାସ

1935 ର ସପ୍ତମ ଅନୁସୂଚୀର ତାଲିକା II ରେ ପ୍ରବେଶ 48, ଯାହା ଅଧୀନରେ ବିବାଦୀୟ ଅଧିନିୟମ ପାସ୍ କରାଯାଇଥିଲା, ଏହାର ପରିସରରେ ବହୁତ ସଂକୀର୍ଣ୍ଣ ଥିଲା ଏବଂ ସାମଗ୍ରୀ କ୍ରୟ ଉପରେ ଟିକସ ସମ୍ବନ୍ଧରେ ଏକ ଆଇନ ପ୍ରଣୟନ କରିବାକୁ ପ୍ରାଧିକୃତ ଭାବରେ ପଢ଼ାଯାଇପାରିବ ନାହିଁ । ଏହି ତର୍କ ଆମ୍ଭମାନଙ୍କ ପାଇଁ ଭ୍ରମାତ୍ମକ ବୋଲି ପ୍ରତୀୟମାନ ହେଉଛି, କାରଣ ସମ୍ବିଧାନର ସପ୍ତମ ଅନୁସୂଚୀର ଦ୍ୱିତୀୟ ସୂଚୀରେ ପ୍ରବେଶ 54ରେ ପ୍ରକାଶ ପାଇଥିବା ସମ୍ବିଧାନ ପ୍ରଣୟନ ସଭାର ଉଦ୍ଦେଶ୍ୟ ଭାରତ ସରକାର ଅଧିନିୟମ, 1935ର ସପ୍ତମ ଅନୁସୂଚୀର ଦ୍ୱିତୀୟ ସୂଚୀରେ ପ୍ରବେଶ 48 କୁ ନିଶ୍ଚିନ୍ତ କରିବାରେ ଏକ ସମ୍ପୂର୍ଣ୍ଣ ଭିନ୍ନ ସଂସ୍ଥା, ଅର୍ଥାତ୍ ବ୍ରିଟିଶ୍ ସଂସଦର ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିବା ପାଇଁ ଏକ ମାର୍ଗଦର୍ଶକ ହୋଇପାରିବ ନାହିଁ । ଏହା ବ୍ୟତୀତ, ଆମେ ଉଚ୍ଚ ନ୍ୟାୟାଳୟ ସହିତ ସହମତ ଯେ ଏକ ଉପଯୁକ୍ତ ସରଂଚନା ଉପରେ ଭାରତ ସରକାର ଆଇନର ସପ୍ତମ ଅନୁସୂଚୀର ତାଲିକା II ର ପ୍ରବେଶ 48, ସାମଗ୍ରୀ କ୍ରେତାଙ୍କ ଉପରେ କର ଲାଗୁ କରୁଥିବା ଏକ ଆଇନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯଥେଷ୍ଟ ପ୍ରଶସ୍ତ ଥିଲା ଏବଂ ସମ୍ବିଧାନର ସପ୍ତମ ଅନୁସୂଚୀର ତାଲିକା II ର ପ୍ରବେଶ 54 ରେ ସମ୍ବିଧାନ ପ୍ରଣୟନ ସଭା ସଂଯୁକ୍ତ ପ୍ରବେଶ 48 ର ଏହି ଉଦାର ସରଂଚନାକୁ ଗ୍ରହଣ କରିଥିଲା ଏବଂ ସେହି ସମ୍ପୃକ୍ତ ପ୍ରବେଶରେ ଯାହା ନିହିତ ଥିଲା ତାହା ସ୍ପଷ୍ଟ ଭାଷାରେ ପ୍ରକାଶ କରିଥିଲା ।

ବିଜ୍ଞ ଓକିଲଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ପରବର୍ତ୍ତୀ ପ୍ରସଙ୍ଗ ସମ୍ବିଧାନ ଅନୁଚ୍ଛେଦ 14 ଉପରେ ଆଧାରିତ । ଆବେଦନକାରୀଙ୍କ ଅଭିଯୋଗ ହେଉଛି ଯେ ବିବାଦୀୟ ଅଧିନିୟମ କେବଳ କେତେକ ନିର୍ଦ୍ଦିଷ୍ଟ ପଣ୍ୟଦ୍ରବ୍ୟର କ୍ରେତାମାନଙ୍କୁ ଟିକସ ଦେବା ପାଇଁ ସ୍ୱତନ୍ତ୍ର ଭାବେ ସୂଚିତ କରେ, କିନ୍ତୁ ଅନ୍ୟ ସମସ୍ତ ପଣ୍ୟଦ୍ରବ୍ୟର କ୍ରେତାମାନଙ୍କୁ ବାଦ୍ ଦେଇଥାଏ । ସମ୍ବିଧାନର ସମାନ ସୁରକ୍ଷା ନିୟମରେ ଅନ୍ତର୍ନିହିତ ନୀତି *ଚିରଞ୍ଜିତଲାଲ ଚୌଧୁରୀ ବନାମ ଭାରତ ସଂଘ*([1]) ଏବଂ ପରବର୍ତ୍ତୀ ଅନେକ ମାମଲାରେ ଆଲୋଚନା ଏବଂ ବ୍ୟାଖ୍ୟା କରାଯାଇଛି ଏବଂ ଏହାକୁ ପୁନରାବୃତ୍ତି କରିବାର ଆବଶ୍ୟକତା ନାହିଁ । ଏହା ସୁପ୍ରତିଷ୍ଠିତ ହୋଇଛି ଯେ ଆଇନର ସମାନ ସୁରକ୍ଷାର ପ୍ରତିଶୃତି ପାଇଁ ସମସ୍ତ ବ୍ୟକ୍ତିଙ୍କ ନିମନ୍ତେ ସମାନ ଆଇନ ପ୍ରଯୁଜ୍ୟ କରାଯିବା ଆବଶ୍ୟକ ନୁହେଁ । କୁହାଯାଇଛି ଯେ ଅନୁଚ୍ଛେଦ 14 ଆଇନ ପ୍ରଣୟନ ଉଦ୍ଦେଶ୍ୟ ପାଇଁ ବର୍ଗୀକରଣକୁ ନିଷେଧ କରେ ନାହିଁ, ଉଲ୍ଲେଖନୀୟ ଯେ ସମ୍ପୃକ୍ତ ଆଇନର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ଏକ ଯଥାର୍ଥ ସମ୍ପର୍କ ଥାଇ ଏପରି ବର୍ଗୀକରଣ କିଛି ପାର୍ଥକ୍ୟ ଉପରେ ଆଧାରିତ । *ଚିରଞ୍ଜିତଲାଲ ଚୌଧୁରୀଙ୍କ* ମାମଲାର ନିଷ୍ପତ୍ତି ନେଇଥିବା ଖଣ୍ଡପୀଠର ଅଧିକାଂଶଙ୍କ ଦ୍ୱାରା ସୂଚିତ ହୋଇଥିବାପରି ଯେଉଁଥିରେ ଆଇନଗତ ବର୍ଗୀକରଣର

([1]) [1950] ଏସ୍. ସି.ଆର୍ . 869

1954
ଭି. ଏମ୍. ସୟଦ୍ ମହମ୍ମଦ ଏବଂ କମ୍ପାନୀ ବନାମ. ଆନ୍ଧ୍ର ରାଜ୍ୟ
ନ୍ୟାୟମୂର୍ତ୍ତି ଦାସ

ବିଧିମାନ୍ୟତା ସପକ୍ଷରେ ଏକ ଦୃଢ଼ ପ୍ରାକ୍ ଧାରଣା ଅଛି ଏବଂ ଏହା ସେହିମାନଙ୍କ ପାଇଁ ଯେଉଁମାନେ ଏହାକୁ ଅସାମ୍ବିଧାନିକ ବୋଲି ଅଭିଯୋଗ କରି ଆପତ୍ତି କରିଥାନ୍ତି ଏବଂ ସମସ୍ତ ସନ୍ଦେହ ବାହାରେ ପ୍ରମାଣ କରନ୍ତି ଯେ ବିଧାନମଣ୍ଡଳ ସ୍ୱେଚ୍ଛାଚାରୀ ଭାବରେ ସମାନ ପରିସ୍ଥିତିରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପାର୍ଥକ୍ୟ କରେ । ଆମ ସମ୍ମୁଖରେ ଥିବା ନଥିରେ ଏପରି କୌଣସି ତଥ୍ୟ ନାହିଁ ଯାହା ସୂଚାଇ ପାରିବ ଯେ ଅନ୍ୟ ସାମଗ୍ରୀର କ୍ରେତାମାନେ ଚମଡା ଏବଂ ଛାଲର କ୍ରେତାଙ୍କ ପରି ଅନୁରୂପ ସ୍ଥିତିରେ ଅବସ୍ଥିତ । *ଚିରଞ୍ଜିତଲାଲ୍ ଚୌଧୁରୀଙ୍କ* ମାମଲା([1])ରେ ବହୁମତ ନିଷ୍ପତ୍ତି ସ୍ପଷ୍ଟ ଭାବରେ ଆମ ସମ୍ମୁଖରେ ଥିବା ମାମଲା ପାଇଁ ପ୍ରଯୁଜ୍ୟ ଏବଂ ବହୁମତ ନିଷ୍ପତ୍ତି ଅନୁଯାୟୀ ଆମ ସମ୍ମୁଖରେ ଆବେଦନକାରୀମାନେ ପ୍ରମାଣର ଭାର ମୁକ୍ତ କରି ନାହାଁନ୍ତି ବୋଲି ସ୍ଥିତିରୁ ବାହାରି ଯିବାର ସମ୍ଭାବନା ନାହିଁ ଯାହାକି ସେମାନଙ୍କ ଉପରେ ନ୍ୟସ୍ତ ଥିଲା ।

ଶେଷରେ, ବିଜ୍ଞ ଓକିଲ ଅନୁରୋଧ କରନ୍ତି ଯେ ନିୟମ 16(5) ସ୍ପଷ୍ଟ ଭାବରେ ଅଧିନିୟମର ଧାରା 5(vi)ର ପ୍ରାବଧାନକୁ ଉଲ୍ଲଘଂନ କରେ । ଏହି ଉପନିୟମକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା *କ୍ଷମତାତୀତ* ବୋଲି ଧରାଯାଇଛି ଏବଂ ବାସ୍ତବରେ, ମାଡ୍ରାସର ବିଜ୍ଞ ମହାଧିବକ୍ତା ନିୟମ16(5) ଧାରା 5(vi)ର ବିରୋଧ ବୋଲି ଆମ ପୂର୍ବରୁ ଉଚ୍ଚ ନ୍ୟାୟାଳୟରେ ବିବାଦ କରି ନଥିଲେ । ସେହି ଉପନିୟମ କେବଳ ଅନୁମତିପ୍ରାପ୍ତବିହୀନ ବ୍ୟବସାୟୀଙ୍କୁ ପ୍ରଭାବିତ କରେ ଏବଂ ଆବେଦନକାରୀ, ଯେଉଁମାନେ ସ୍ୱୀକାରଯୋଗ୍ୟ ଅନୁମତିପ୍ରାପ୍ତ ବ୍ୟବସାୟୀ, ସେମାନେ ସେହି ଉପ-ନିୟମ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ଆହୁରି ମଧ୍ୟ, ଆମ ସମ୍ମୁଖରେ ଏହା ସୂଚିତ କରାଯାଇ ନାହିଁ ଯେ ଆବେଦନକାରୀମାନଙ୍କୁ କେବେ ମଧ୍ୟ ଚମଡା କିମ୍ବା ଛାଲ କ୍ରୟ ଉପରେ କୌଣସି ଟିକସ ଦେବାକୁ କୁହାଯାଇଥିଲା, ଯେଉଁ କ୍ଷେତ୍ରରେ କି ପୂର୍ବରୁ କିଛି ପୂର୍ବତନ କ୍ରେତା କର ପ୍ରଦାନ କରିଥିଲେ । ସେହି ଉପନିୟମ ସ୍ପଷ୍ଟ ଭାବରେ ପୃଥକଯୋଗ୍ୟ ଏବଂ ନିୟମର ବୈଧତାକୁ ପ୍ରଭାବିତ କରିପାରିବ ନାହିଁ ଯାହାକି କୌଣସି ଆଇନର ପରିସର ମଧ୍ୟରେ ନିର୍ଦ୍ଧାରିତ ହୋଇପାରେ । ନିୟମାବଳୀରେ ଥିବା ଅନ୍ୟ କୌଣସି ଅଦ୍ଭୁତତା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରାଯାଇନାହିଁ ।

ପରିସରରେ ଏହି ଆବେଦନଗୁଡ଼ିକରେ କୌଣସି ମର୍ମ ନାହିଁ ଯାହାକୁ ସେଥିପାଇଁ ଖର୍ଚ୍ଚ ସହିତ ଖାରଜ ହେବା ଆବଶ୍ୟକ ।

*ଆବେଦନ ଖାରଜ ହେଲା* ।

(1) [1950] ଏସ୍. ସି. ଆର୍. 869

*1954*
*ଭି. ଏମ୍. ସୟଦ୍ ମହମ୍ମଦ ଏବଂ କମ୍ପାନୀ ବନାମ. ଆନ୍ଧ୍ର ରାଜ୍ୟ*
ନ୍ୟାୟମୂର୍ତ୍ତି ଦାସ

ମାଡ୍ରାସ, ମହୀଶୂର ଏବଂ ବିହାର ରାଜ୍ୟ ଉତ୍ତରଦାତା ଏବଂ ମଧ୍ୟକ୍ଷେପଙ୍କ ପାଇଁ : *ଆର. ଏଚ. ଧେବର୍ ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।